# REGIONAL NEWS UNIT, AIR CUTTACK

## Mid-day Bulletin (2.32 PM)

### 22nd April - 2025

**********************************

## ମୁଖ୍ୟ ସମ୍ବାଦ

- ପଞ୍ଚାୟତିରାଜ ଦିବସ ଅବସରରେ ରାଜ୍ୟର ୫ ଲକ୍ଷ ୯୦ ହଜାର ହିତାଧିକାରୀଙ୍କୁ ନୂଆ ରେସନ୍ କାର୍ଡ଼ ବଣ୍ଟନ କରାଯିବ; କହିଲେ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ।

- ଗ୍ରୀଷ୍ମଋତୁରେ ବିଦ୍ୟୁତ୍ କାଟ ନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଶକ୍ତିମନ୍ତ୍ରୀଙ୍କ ନିର୍ଦ୍ଦେଶ ।

- ବିଚାରପତି ଜଷ୍ଟିସ୍ ଦୀକ୍ଷିତ୍ କ୍ରିଷ୍ଣା ଶ୍ରୀପଦଙ୍କୁ ଓଡ଼ିଶା ହାଇକୋର୍ଟକୁ ବଦଳି ପାଇଁ ସୁପ୍ରିମ୍ କୋର୍ଟ କଲିଜିୟମ୍‌ଙ୍କ ନିଷ୍ପତ୍ତି ।

ଏବଂ

- ଆମ ଶକ୍ତି ଆମ ଧରିତ୍ରୀର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ଧରିତ୍ରୀ ଦିବସ ।

*Desk*

# ରାସନ କାର୍ଡ଼

ରାଜ୍ୟ ସରକାର ଆସନ୍ତା ଗୁରୁବାର ଦିନ ନୂଆ ଯୋଗ୍ୟ ହିତାଧିକାରୀମାନଙ୍କୁ ରାସନ କାର୍ଡ଼ ବଣ୍ଟନ କରିବେ । ଗଣମାଧ୍ୟମକୁ ସୂଚନା ଦେଇ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ୫ ଲକ୍ଷ ୯୦ ହଜାର ହିତାଧିକାରୀଙ୍କୁ ପଞ୍ଚାୟତିରାଜ ଦିବସ ଅବସରରେ ନୂଆ ରେସନ୍ କାର୍ଡ଼ ବଣ୍ଟନ କରାଯିବ ।

***Voice :..........***

*Desk*

# ବିଦ୍ୟୁତ୍ କାଟ

ଗ୍ରୀଷ୍ମଋତୁରେ ବିଦ୍ୟୁତ୍ କାଟ ନ କରିବାପାଇଁ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବିଦ୍ୟୁତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ଶ୍ରୀ ସିଂହଦେଓ କହିଛନ୍ତି, କାଳବୈଶାଖୀ ସମୟରେ ବିଦ୍ୟୁତ୍ ସେବାରେ ବ୍ୟାହତ ଘଟୁଥିଲେ ଏହାର ତୁରନ୍ତ ସମାଧାନ କରାଯାଉଛି । ଏହାସହ ଉପଭୋକ୍ତାଙ୍କୁ ଠିକ୍ ସମୟରେ ବିଲ୍ ପୈଠ କରିବାକୁ ଉପମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

***Voice :..........***

*Desk*

## ହାଇକୋର୍ଟ ବିଚାରପତି

ଓଡ଼ିଶା ହାଇକୋର୍ଟର ନୂତନ ବିଚାରପତି ଭାବେ ସୁପ୍ରିମକୋର୍ଟ କଲେଜିୟମ କର୍ଣ୍ଣାଟକ ହାଇକୋର୍ଟର ବିଚାରପତି ଜଷ୍ଟିସ ଦୀକ୍ଷିତ୍ କ୍ରିଷ୍ଣା ଶ୍ରୀପଦଙ୍କ ବଦଳି ପାଇଁ ସୁପାରିଶ କରିଛନ୍ତି । ଜଷ୍ଟିସ ଶ୍ରୀପଦ ଫେବୃୟାରୀ ୨୦୧୮ ମସିହାରେ କର୍ଣ୍ଣାଟକ ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ପାଇଥିଲେ ।

*HS*

## ଦୁର୍ଘଟଣା

କଟକ-ପାରାଦ୍ୱୀପ ରାସ୍ତାର ଗତିରାଉତପାଟଣାଠାରେ ଏକ ସଡ଼କ ଦୁର୍ଘଟଣାରେ କର୍ତ୍ତବ୍ୟରତ ୨ ଜଣ ପୁଲିସ୍ କର୍ମଚାରୀଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକପ୍ରକାଶ କରିଛନ୍ତି । ଶୋକସନ୍ତପ୍ତ ପରିବାରକୁ ମୁଖ୍ୟମନ୍ତ୍ରୀ ସମବେଦନା ଜଣାଇବା ସହ ୧୦ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି । ସେହିପରି ଅନ୍ୟ ଜଣେ ପୁଲିସ କର୍ମଚାରୀ ଗୁରୁତର ଅବସ୍ଥାରେ କଟକ ବଡ଼ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି ।

ଅନ୍ୟପକ୍ଷରେ କେନ୍ଦୁଝର ଯୋଡ଼ା ନିକଟରେ ଗତକାଲି ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ୩ ଜଣଙ୍କ ପରିବାରବର୍ଗଙ୍କୁ ମୁଖ୍ୟମନ୍ତ୍ରୀ ଗଭୀର ସମବେଦନା ଜଣାଇବା ସହ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି ।

***Desk***

# ଏକ ଦେଶ : ଏକ ନିର୍ବାଚନ

ସଂସଦ ଭବନରେ ବର୍ତ୍ତମାନ ଏକ ଦେଶ ଏକ ନିର୍ବାଚନ ସମ୍ପର୍କିତ ଯୁଗ୍ମ ସଂସଦୀୟ କମିଟିର ବୈଠକ ଚାଲିଛି । ସଂସଦୀୟ କମିଟିରେ ଲୋକସଭାର ୨୭ ଜଣ ଏବଂ ରାଜ୍ୟସଭାର ୧୨ ଜଣ ସଦସ୍ୟ ରହିଛନ୍ତି । କମିଟିର ପ୍ରଥମ ଅଧିବେଶନ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ହେମନ୍ତ ଗୁପ୍ତା ଓ ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ତଥା ଭାରତର ୨୧ତମ ଆଇନ୍ ଆୟୋଗର ଅଧ୍ୟକ୍ଷ ଡକ୍ଟର ବି.ଏସ୍. ଚୌହ୍ୱାନଙ୍କ ସହ ଆଲୋଚନା ଜାରି ରହିଛି ।

ଏକ ରାଷ୍ଟ୍ର ଏକ ନିର୍ବାଚନ ଉପରେ ଯୁଗ୍ମ ସଂସଦୀୟ କମିଟି ଅଧ୍ୟକ୍ଷ ପି.ପି. ଚୌଧୁରୀ ନୂଆଦିଲ୍ଲୀରେ କହିଛନ୍ତି, ଏକ ରାଷ୍ଟ୍ର ଏକ ନିର୍ବାଚନ ଦେଶର ଅର୍ଥନୀତି ପାଇଁ ଲାଭଦାୟକ ହେବ । ସେ କହିଛନ୍ତି, ବାରମ୍ବାର ନିର୍ବାଚନ କରିବା ଦ୍ୱାରା ଶିକ୍ଷା ବ୍ୟବସ୍ଥାରେ ଅସୁବିଧା ସୃଷ୍ଟି ହେବା ସହ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କୁ ପ୍ରଭାବିତ କରିଥାଏ ।

*Desk*

# ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୭ ତାରିଖ ରବିବାର ପୂର୍ବାହ୍ନ ୧୧ଟା ସମୟରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହା ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମର ୧୨୧ତମ ସଂସ୍କରଣ ହେବ। ମନ୍ କୀ ବାତ୍ କାର୍ଯ୍ୟକ୍ରମ ପାଇଁ ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କଠାରୁ ମତାମତ ଲାଗି ଆହ୍ୱାନ କରିଛନ୍ତି । ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ।

ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମନ୍ କୀ ବାତ୍ କାର୍ଯ୍ୟକ୍ରମର ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ। ପ୍ରଧାନମନ୍ତ୍ରୀଙ୍କର ସମ୍ବୋଧନ ପରେ ପରେ ଆଞ୍ଚଳିକ ଭାଷାରେ ମନ୍ କୀ ବାତ୍ ପ୍ରସାରଣ କରାଯିବ। ରାତି ୮ଟାରେ ଆଞ୍ଚଳିକ ଭାଷାରେ ଏହାର ପୁନଃପ୍ରସାରଣ କରାଯିବ।

*Desk*

## ଇ.ପି.ଏଫ୍.ଓ.

କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ - ଇପିଏଫ୍ଓରେ ଗତ ଫେବୃୟାରୀ ମାସରେ ୧୬ଲକ୍ଷରୁ ଅଧିକ ସଦସ୍ୟ ସାମିଲ ହୋଇଛନ୍ତି । ଗତବର୍ଷ ତୁଳନାରେ ଚଳିତବର୍ଷ ଏହି ସଂଖ୍ୟାରେ ୩ ଦଶମିକ ୯/୯ ପ୍ରତିଶତ ବୃଦ୍ଧି ଘଟିଛି । ଏହି ସଦସ୍ୟମାନଙ୍କ ମଧ୍ୟରେ ୭ଲକ୍ଷ ଅଣଚାଳିଶ ହଜାର ନୂଆ ଓ ୧୩ଲକ୍ଷରୁ ଅଧିକ ପୁରୁଣା ସଦସ୍ୟ ସାମିଲ ହୋଇଥିବା ଜଣାପଡିଛି । ସେମାନଙ୍କ ମଧ୍ୟରେ ୨ଲକ୍ଷ ୮ହଜାର ନୂଆ ମହିଳା ସଦସ୍ୟ ଥିବା ଇପିଏଫ୍ଓ ସୂଚନା ଦେଇଛି ।

*Desk*

## ଧରିତ୍ରୀ ଦିବସ

ପୃଥିବୀର ପରିବେଶ ସୁରକ୍ଷା ଓ ସଂରକ୍ଷଣ ଉଦ୍ଦେଶ୍ୟରେ ଆଜି ଧରିତ୍ରୀ ଦିବସ ପାଳନ କରାଯାଉଛି । ଚଳିତ ବର୍ଷର ବାର୍ତ୍ତା ରହିଛି **'ଆମ ଶକ୍ତି, ଆମ ଧରିତ୍ରୀ'** । ୧୯୭୦ ମସିହା ଏପ୍ରିଲ ୨୨ ତାରିଖରେ ଆମେରିକାରେ ପ୍ରଥମଥର ପାଇଁ ଧରିତ୍ରୀ ଦିବସ ପାଳନ କରାଯାଇଥିଲା । ଏକ ଉତ୍ତମ ଭବିଷ୍ୟତ ଓ ସୁସ୍ଥ ପୃଥିବୀର ଗଠନ ଲାଗି ସମସ୍ତଙ୍କୁ ସଚେତନ କରାଇବା ଏହି ଦିବସର ମୂଳଲକ୍ଷ୍ୟ । ଏହି ଅବସରରେ ବିଭିନ୍ନ ସରକାରୀ, ବେସରକାରୀ

ଏବଂ ଘରୋଇ ସଂସ୍ଥା ପକ୍ଷରୁ ବୃକ୍ଷରୋପଣ, ପରିବେଶ ସୁରକ୍ଷା ସମ୍ବନ୍ଧୀୟ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି ।

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାଟି  ଧରିତ୍ରୀ ଦିବସରେ ସମସ୍ତଙ୍କୁ ଧରିତ୍ରୀ ମା'ର ସୁରକ୍ଷା କରିବାପାଇଁ ଆହ୍ୱାନ ଦେଇଛନ୍ତି । ଏକ ସ୍ଥାୟୀ ଭବିଷ୍ୟତର ନିର୍ମାଣପାଇଁ ସମସ୍ତଙ୍କୁ ଏକତ୍ରିତ ହେବାପାଇଁ ରାଜ୍ୟପାଳ କହିଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଧରିତ୍ରୀ ଦିବସରେ ଶୁଭେଚ୍ଛା ଜଣାଇ ଚାରାରୋପଣ, ଜଳ ସଂରକ୍ଷଣ ଓ ଅପଚୟ ହ୍ରାସ କରି ସବୁଜ ଶକ୍ତିକୁ ବିକଳ୍ପ ଭାବେ ବାଛିବାପାଇଁ ଆହ୍ୱାନ ଦେଇଛନ୍ତି ।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା' ପ୍ଲାଷ୍ଟିକ୍‌ର ବ୍ୟବହାର ହ୍ରାସ, ଜଳ ସଂରକ୍ଷଣ ଏବଂ ଚାରାରୋପଣ ପାଇଁ ପରାମର୍ଶ ଦେଇଛନ୍ତି ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ୱଚ୍ଛ ଶକ୍ତି, ସ୍ଥାୟୀ ବିକାଶକୁ ପ୍ରୋତ୍ସାହନ ଏବଂ ଜଳବାୟୁ ପରିବର୍ତ୍ତନର ମୁକାବିଲା ଦିଗରେ କାର୍ଯ୍ୟ କରିବାପାଇଁ ଧରିତ୍ରୀ ଦିବସରେ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି ।

***Puri/R***

# ବନକଲାଗି ନୀତି

ପୁରୀ ଶ୍ରୀମନ୍ଦିରରେ ଆଜି ମହାପ୍ରଭୁଙ୍କର ରାମାଭିଷେକ ନୀତି ଅନୁଷ୍ଠିତ ହେବ । ମଧ୍ୟାହ୍ନ ଧୂପ ନୀତି ଶେଷ ହେବା ପରେ ନକ୍ଷତ୍ର ଦିଅଁ ବେଢ଼ାକୁ ବିଜେ

କରିବେ । ଜୟ-ବିଜୟ ଦ୍ୱାରରେ ଭୋଗ ଓ ବନ୍ଦାପନା ନୀତି ଶେଷ ପରେ ଦିଅଁ ଦକ୍ଷିଣୀ ଘରକୁ ବିଜେ କରିବେ । ସେଠାରେ ଅନ୍ୟାନ୍ୟ ନୀତି ଶେଷ କରାଯିବ । ସନ୍ଧ୍ୟାରେ ଆଜ୍ଞାମାଳ ପାଇ ଶ୍ରୀରାମ, ଲକ୍ଷ୍ମଣ ଓ ଦେବୀ ସୀତା ପାଲିଙ୍କିରେ ଜଗନ୍ନାଥ ବଲ୍ଲଭ ମଠକୁ ବିଜେ କରିବେ । ତେବେ ଆଜି ସାହିଯାତ୍ରାର ଅନ୍ତିମ ଦିନରେ ଗୌଡ଼ବାଡ଼ ସାହି ପକ୍ଷରୁ ନାଗା ମେଢ଼, ନବଶିରା, ସପ୍ତଶିରା, ପଞ୍ଚଶିରା ପାରମ୍ପରିକ ସମରକଳା ଆଦି ପରିବେଷଣ କରାଯିବ ।

ଆସନ୍ତାକାଲି ବୁଧବାର ବୈଶାଖ କୃଷ୍ଣ ଦଶମୀ ତିଥିରେ ଶ୍ରୀବିଗ୍ରହମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ । ଦ୍ୱିତୀୟ ଭୋଗମଣ୍ଡପ ନୀତି ଶେଷ ହେବା ପରେ ପ୍ରାୟ ସନ୍ଧ୍ୟା ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

***Nayagarh, Nabarangpur/R***

## ପୋଷଣ ପକ୍ଷ

ନୟାଗଡ଼ରେ ଜିଲ୍ଲାସ୍ତରୀୟ ପୋଷଣ ପକ୍ଷ ପାଳିତ ହୋଇଯାଇଛି । ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିଶୟ ପୁଷ୍ଟିହୀନ ଶିଶୁଙ୍କୁ ଗୋଷ୍ଠୀଭିତ୍ତିକ ପରିଚାଳନା, ତୃଣମୂଳ ସ୍ତରରେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟିପାଇଁ ଗୁରୁତ୍ୱାରୋପ କରିଥିଲେ ।

ନବରଙ୍ଗପୁର ଜିଲ୍ଲାରେ ପୋଷଣ ପକ୍ଷ ପାଳନ ଅବସରରେ ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ ପ୍ରମୁଖ ଯୋଗଦେଇ ପୋଷଣଯୁକ୍ତ ଖାଦ୍ୟ ଖାଇବାପାଇଁ ପରାମର୍ଶ ଦେଇଥିଲେ । ସ୍ଥାନୀୟ ଅଞ୍ଚଳର ମିଲେଟ୍ ଜାତୀୟ ଶସ୍ୟକୁ ଖାଦ୍ୟରେ ସାମିଲ୍ କରିବାପାଇଁ ଗୁରୁତ୍ୱାରୋପ କରାଯାଇଥିଲା । ଜିଲ୍ଲାରେ ଗତ ୨୦୨୨ ମସିହାରେ ୩ ହଜାର ୩୩ଜଣ ପୁଷ୍ଟିହୀନ ଶିଶୁ ଥିବାବେଳେ ବର୍ତ୍ତମାନ ଏହି ସଂଖ୍ୟା ହ୍ରାସ ପାଇଛି ।

***Desk***

# ୱେଭ୍ସ

ବିଶ୍ୱ ଦୃଶ୍ୟସ୍ରାବ୍ୟ ମନୋରଞ୍ଜନ ସମ୍ମିଳନୀ ୱେଭ୍ସର କମିକ୍ସ କ୍ରିଏଟର ପ୍ରତିଯୋଗିତାର ଆମିଚିଓର ବର୍ଗରେ କେନ୍ଦ୍ରାପଡ଼ା ଜିଲ୍ଲାର ରଣଦୀପ ସିଂହ ଶ୍ରେଷ୍ଠ ୧୦ଜଣଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି । ସେ ଶ୍ରୀ ବଳଦେବଜୀଉଙ୍କ କନ୍ଦରାସୁର ବଦ୍ଧ ବିଷୟକୁ କମିକ୍ସ ଆକାରରେ ପ୍ରକାଶ କରିଥିଲେ । ମୁମ୍ବାଇରେ ଆସନ୍ତାମାସ ୧ ତାରିଖରୁ ହେବାକୁ ଥିବା ୱେଭ୍ସ ସମ୍ମିଳନୀରେ ସେ ଯୋଗଦେବେ ।

*HS*

# ଅଂଶୁଘାତ ମୁକାବିଲା

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଓ ଅଂଶୁଘାତଜନିତ ସମସ୍ୟାର ମୁକାବିଲା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକ ପ୍ରସ୍ତୁତ ଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ତି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଉପଖଣ୍ଡ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ସ୍ୱତନ୍ତ୍ର କକ୍ଷ ପ୍ରସ୍ତୁତ ରଖିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଜରୁରୀ କାର୍ଯ୍ୟ ନ ଥିଲେ ଦିନ ୧୦ଟା ପରେ ଘରୁ ନ ବାହାରିବାକୁ ଜନସାଧାରଣଙ୍କୁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି ।

*Met. O.*

# ପାଣିପାଗ

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିବା ସହ ବିଭିନ୍ନ ସ୍ଥାନରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ଝାରସୁଗୁଡ଼ା ଜିଲ୍ଲାରେ ସାଢ଼େ ୧୧ଟା ସୁଦ୍ଧା ଦିନର ସର୍ବୋଚ୍ଚ ତାପମାତ୍ରା ୪୨ ଦଶମିକ ୬ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ଼ କରାଯାଇଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ସେହିପରି ରାଉରକେଲା, କେନ୍ଦୁଝର, ଭଦ୍ରକ, ଭୁବନେଶ୍ୱର ତାପମାତ୍ରା ୩୫ ଡିଗ୍ରୀ ଉପରେ ରେକର୍ଡ଼ କରାଯାଇଛି । ଏ

ସମ୍ପର୍କରେ ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ଆକାଶବାଣୀକୁ କହିଛନ୍ତି :

***Voice*** **:...........**

ସୁବର୍ଣ୍ଣପୁର ଜିଲ୍ଲାରେ ଗତ ୫ ଦିନ ଧରି ପ୍ରବଳ ଗ୍ରୀଷ୍ମପ୍ରବାହ ଅନୁଭୂତ ହେଉଥିବାବେଳେ ପଶ୍ଚିମା ବାୟୁ ପ୍ରଭାବରେ ଦିନର ତାପମାତ୍ରା ୪୦ ଡିଗ୍ରୀ ଉପରେ ରେକର୍ଡ଼ କରାଯାଇଛି ।

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି, କୋରାପୁଟ, ରାୟଗଡ଼ା ଓ କଳାହାଣ୍ଡି ଜିଲ୍ଲାର କେତେକ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ସାମାନ୍ୟ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି ।

*****